


ଯୁଗାବ୍ଦ : ୫୧୨୨ ଚତୁର୍ବିଂଶତିତମ ଗୁଚ୍ଛ - ପ୍ରଥମ କଳିକା ଏପ୍ରିଲ - ମେ - ୨୦୨୦

## ସମ୍ପାଦକୀୟ......

ଶିଶୁଟିର ସ୍ମିତ ହସ ତା'ର ସାମାଜିକ ତଥା ଆବେଗିକ ବ୍ୟବହାରର ପ୍ରଥମ ପରିପ୍ରକାଶ । ଏହାକୁ ଅନେକ ଶିଶୁ ମନୋବିଜ୍ଞାନୀ ସେମାନଙ୍କ ତତ୍ତ୍ୱରେ ଗୁରୁତ୍ୱ ଦେଇଛନ୍ତି । ଏହା ମଧ୍ୟ ଉଣାଅଧିକେ ସ୍ୱୀକାର୍ଯ୍ୟ ଯେ 'ଭାବାବେଗ' ଶବ୍ଦଟି ଆମ ଜୀବନରେ କୈଶୋର, ତରୁଣ, ଯୌବନ ଓ ବୃଦ୍ଧାବସ୍ଥା ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ । ଜନ୍ମ ପରେ ପରେ ପରିବେଶର ବିଭିନ୍ନ ଅବସ୍ଥା ସହିତ ସମନ୍ୱୟ ରକ୍ଷା କରିବାରେ ଭାବାବେଗ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଇତିହାସ କହେ ପ୍ରାଣୀ ଜଗତର ବିବର୍ତ୍ତନ ଧାରାରେ ଆବେଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । କିନ୍ତୁ ଶୈଶବ ତଥା ବାଲ୍ୟକାଳୀନ ଆବେଗ କ୍ଷେତ୍ରରେ ଅନେକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ରହିଛି । ପରିବେଶର କେଉଁସବୁ ଉଦ୍ଦୀପକ ଆବେଗ ସୃଷ୍ଟି କରେ ? ଆବେଗ କିପରି ଉତ୍ପତ୍ତି ହୁଏ ? ଆଜିକାଲି ଦୂରଦର୍ଶନ ଶିଶୁଙ୍କୁ ଆବେଗକୁ କିପରି ନିୟନ୍ତ୍ରଣ କରୁଛି ଏ ସମ୍ବନ୍ଧରେ ସମସ୍ତେ ବିଚାର କରିବା ସହିତ ଶିଶୁମାନଙ୍କର ବିକାଶରେ ସହାୟ ହେବା ଉଚିତ । ଆସନ୍ତୁ ଜାଣିବା ଆବେଗିକ ବିକାଶ କ'ଣ ? ଶିଶୁ ମନୋବିଜ୍ଞାନରେ ମନୁଷ୍ୟର ବ୍ୟକ୍ତିତ୍ୱ ଗଠନ ପାଇଁ ଆବେଗିକ ବିକାଶକୁ ଯଥେଷ୍ଟ ପ୍ରାଧାନ୍ୟ ଦିଆଯାଇଛି । ମନସ୍ତତ୍ତ୍ୱବିତ୍‌ମାନେ ଗବେଷଣାରୁ ଜାଣି ପାରିଛନ୍ତି ଯେ ଶିଶୁଟିର ସାମାଜିକ ଓ ମାନସିକ ବିକାଶ ସହିତ ଏହି ଆବେଗିକ ବିକାଶର ଘନିଷ୍ଠ ସମ୍ପର୍କ ରହିଛି । ବାଲ୍ୟକାଳରେ ଶିଶୁର ପ୍ରକ୍ଷୋଭ ବା ଆବେଗ ଅବଦମିତ ହେଲେ ତା'ର ବ୍ୟକ୍ତିତ୍ୱର ଗଠନ ସୂଚାରୁଭାବେ ହୋଇପାରେ ନାହିଁ । ଶିଶୁଟି ଭୂମିଷ୍ଠ ହେବାପରେ ଅନ୍ତତଃ କିଛି ଦିନ ପର୍ଯ୍ୟନ୍ତ ତା'ର ପ୍ରକ୍ଷୋଭ ଅବିଭକ୍ତ ଅବସ୍ଥାରେ ଥାଏ । ଶିଶୁଠାରେ ପ୍ରାୟ କୌଣସି ନିର୍ଦ୍ଦିଷ୍ଟ ଓ ସ୍ୱତନ୍ତ୍ର ଧରଣର ପ୍ରକ୍ଷୋଭ ଦେଖିବାକୁ ମିଳି ନ ଥାଏ । ଶିଶୁମାନଙ୍କର ସହଜାତ ପ୍ରବୃତ୍ତିରୁ ଆବେଗର ସୃଷ୍ଟି ହୋଇଥାଏ । ତେଣୁ ଉପଯୁକ୍ତ ପ୍ରଶିକ୍ଷଣ ଓ ସୁସ୍ଥ ଶିଶୁ ପାଳନ ପ୍ରଣାଳୀ ମାଧ୍ୟମରେ ବିଭିନ୍ନ ଆବେଗକୁ ବନ୍ଦ କରାଯାଇପାରେ । ଉଭୟ ଅତ୍ୟଧିକ ଆବେଗ ଓ କମ୍ ଆବେଗ ଶିଶୁର ବ୍ୟକ୍ତିତ୍ୱ ବିକାଶରେ ବାଧାସୃଷ୍ଟି କରିଥାଏ । ତେଣୁ ସ୍ଥଳ ବିଶେଷରେ ଆବଶ୍ୟକତା ଅନୁସାରେ ଯେଉଁ ପ୍ରକାରର ଆବେଗ ଯେତିକି ମାତ୍ରାରେ ଯେଉଁଠି ପ୍ରକାଶ କରିବା କଥା ତାହା କରିବା ପାଇଁ ହିଁ ଶିଶୁଙ୍କୁ ଶିକ୍ଷା ଦେବା ଦରକାର । ଆବଶ୍ୟକସ୍ଥଳେ ପିଲାର ମଙ୍ଗଳ ପାଇଁ ବାପା, ମାଆ ଓ ଶିକ୍ଷକମାନଙ୍କୁ ନିଜର ଆବେଗାତ୍ମକ ଆଚରଣକୁ ପରିବର୍ତ୍ତନ କରିବାକୁ ହେବ ।

## ଆମ ମନକଥା

ସାରା ବିଶ୍ୱର ଶିଶୁ ଆଜି ଆମକୁ ପଚାରୁଛନ୍ତି ଆମକୁ କାହିଁକି ଶିଶୁ ଅବସ୍ଥାରୁ ପୌଢ଼ କରି ଦିଆଯାଉଛି ? ଆମ ଉପରେ କାହିଁକି ବହି ବସ୍ତାନୀର ବୋଝ ରଖାଯାଉଛି ? ଆମକୁ କାହିଁକି ସେହି ଇତିହାସ ଘୋଷାଇ ଦିଆଯାଉଛି ଯାହା ବର୍ତ୍ତମାନ ନାହିଁ ? କାହିଁକି ବା କୁହାଯାଉଛି ଏକ ସୈନିକ ପରି ପୋଷାକ ପିନ୍ଧି ସେଠାକୁ ଯିବାକୁ, ଯେଉଁଠି ଅଛି କେବଳ ଉଚ୍ଚ ଉଚ୍ଚ ପ୍ରାଚୀର, ଗୁଡ଼ାଏ ନିୟମର ପ୍ରତିବନ୍ଧକ, ଆବଦ୍ଧ ଶ୍ରେଣୀ କୋଠରୀ, ଲମ୍ବା ବେତଧାରୀ ଶିକ୍ଷକ, ଘଣ୍ଟା, ରୁଟିନ୍, ଅଙ୍କ ଏବଂ ପାହାଡ଼ ପରି ଘୋଷା ପାଠ, ଯାହା ପଢ଼ିବାକୁ ଆମକୁ ଆଦୌ ଭଲ ଲାଗେ ନାହିଁ । ପାଠ ପଢ଼ିବା ଅର୍ଥ କ'ଣ ନିଜ ବାଲ୍ୟକାଳ, ଖେଳକୁଦ, ହସ ଆନନ୍ଦ ସବୁ କିଛି ସମର୍ପଣ କରିଦେବା ? ଆମ ମଧ୍ୟରେ ଥିବା ଶିଶୁଟିକୁ ଦେଖିବାକୁ କାହିଁକି କେହି ପସନ୍ଦ କରନ୍ତି ନାହିଁ । ଆପଣ ଆମମାନଙ୍କୁ ଆଇ.ଏ.ଏସ୍. ଡାକ୍ତର, ଇଞ୍ଜିନିୟର, ଅଫିସର କରିବାରେ ଅବିରତ ଚେଷ୍ଟିତ । ଶିଶୁ ଅବସ୍ଥାରୁ ଆମ ଉତ୍ସାହ, ଆଶା, ଆକାଂକ୍ଷା ଓ ଆନନ୍ଦରୁ ବଞ୍ଚିତ କରୁଛନ୍ତି କାହିଁକି ? ମନ ଚାହୁଁଛି ଆମକୁ କିଏ ନାନାବାୟା ଗୀତଟିଏ ଗାଇ ଶୁଆନ୍ତାକି ? ପ୍ରଭାତରୁ ଶେଯରୁ ଉଠୁ ଉଠୁ ମଧୁର ସଙ୍ଗୀତଟିଏ ଶୁଣାନ୍ତାକି ! କିନ୍ତୁ ଆମେ କେବଳ ପଢୁଛୁ ଆପଣଙ୍କ ବସ୍ତା ବସ୍ତା କୋର୍ସ, ଆପଣଙ୍କ ଦ୍ୱାରା ତିଆରି ହୋଇଥିବା ଶିକ୍ଷକ ହିଁ ଆମକୁ ପଢ଼ାଇଥାନ୍ତି । ଆମେ ହସ, ଖେଳ ଗୀତର ଶିଶୁଟିଏ ନ ହୋଇ କେବଳ ଗ୍ରନ୍ଥକୀଟଟିଏ ହୋଇଯାଇଛୁ । କାହିଁ ସେ ଶିଶୁ ଯାହାର ଉପସ୍ଥିତିରେ ଘରଟି

କୋଳାହଳପୂର୍ଣ୍ଣ ହୋଇ ଗୁଞ୍ଜରି ଉଠେ ? କାହିଁ ସେ ଶିଶୁ ଯାହାର କଳରବରେ ମଧୁର ବୀଣାର ସ୍ୱର ଝଂକୃତ ହୋଇ ଉଠେ ? କାହିଁ ସେ ଶିଶୁ ଯାହାର ଖେଳିବା ଦେଖି ଶୂନ୍ୟ ବଗିଚାରେ ମଧ ଫୁଲ ଫୁଟିବା ଆରମ୍ଭ ହୁଏ ?

ଆମେ ଆଜି ଦୁର୍ବଳ କାରଣ ଆପଣଙ୍କ ସମସ୍ତ ଦୁର୍ବଳତା ଦେଇ ଆପଣ ଆମକୁ ଗଠନ କରିଛନ୍ତି । ଆମେ ଆଜି ଉଦ୍ଦଣ୍ଡ, ଦୁଷ୍ଟ, କାରଣ ଆପଣ ପରାଧୀନତାର ଜାଲ ବିଛେଇ ନିରୀହ ପକ୍ଷୀମାନଙ୍କ ପରି ଆମକୁ ବନ୍ଦୀ କରି ରଖିଛନ୍ତି । ଆମେ ଚାହୁଁଛୁ ହାତରେ ଖେଳବାଡ଼ି ଦ୍ୱାରା ଜମିକୁ ମାପି ଖେଳିବାକୁ କିନ୍ତୁ ଆପଣମାନେ ଆମକୁ ଦେଇଛନ୍ତି ଲମ୍ବା ଲମ୍ବା ସ୍କେଲ । ଆମେ ଚାହୁଁଛୁ ମାଳି ମଞ୍ଜି ଗଣି ଗଣି ଖେଳିବାକୁ; କିନ୍ତୁ ଆପଣ ଦେଇଛନ୍ତି ପଣକିଆ, ବହି, ଖାତା । ଆମେ ଚାହୁଁଛୁ ଘରପାଖ ବାଲିରେ ଫୁଲ, ଗଛ, ଘର, ଚଢ଼େଇ ଆଙ୍କିବାକୁ କିନ୍ତୁ ଆପଣ ଦେଇଛନ୍ତି ଅ, ଆ, ଇ, ଈ । ଯାହାର ଅର୍ଥ ଆମେ ଜାଣି ନାହୁଁ । ଆପଣ କହନ୍ତି ଯେ ପବନ ଆମର ଜୀବନ, ଆଉ ଯେଉଁ କକ୍ଷରେ ଆମକୁ ବସାନ୍ତି ସେଠି ଆମେ ଅଣନିଃଶ୍ୱାସୀ ହୋଇ ଯାଉଛୁ । ଆପଣ ଶିଖାନ୍ତି ପ୍ରେମ, ଦୟା, କରୁଣାର ଭାବ । ମାତ୍ର ଆପଣଙ୍କ ବେତ ମାଡ଼ ଗାଳି ଶୁଣିଲେ ଆମର ଲଘୁଶଙ୍କା ହୋଇଯାଉଛି । ଆପଣ କହନ୍ତି ସତ କହିବାକୁ, କିନ୍ତୁ ଆପଣଙ୍କ ଠାରୁ ହିଁ ଆମେ ମିଛ କହିବା ଶିଖୁ । ଆମକୁ କାହିଁକି କୁହାଯାଉଛି ଶିବାଜୀ, ପ୍ରତାପ, ସୁଭାଷ, ଗାନ୍ଧୀ ହେବାକୁ, କିନ୍ତୁ ଆମେ ଶିଶୁଟିଏ ହୋଇ କାହିଁକି ରହିବୁନି ? ଆପଣ ଆମ ପାଇଁ ସୁନେଲି, ସଂସାରର ସ୍ୱପ୍ନ ରଚନା କରିଛନ୍ତି କିନ୍ତୁ ଆମ ସ୍ୱପ୍ନର ତ ମୃତ୍ୟୁ ହୋଇଯାଉଛି । ସେ ବିଦ୍ୟାଳୟ ହେଉ, ଘର ହେଉ, ସମାଜ ହେଉ ସବୁଠାରେ ଆମେ ଶିଶୁଟିଏ ହୋଇ ରହିଲୁ ନାହିଁ । ଗୋଟିଏ ସ୍ୱାଧୀନ ଶିଶୁଙ୍କ ଦୌଡ଼ାଦୌଡ଼ି ଖେଳିବାକୁ ଅଗଣା କାହିଁ ? କାହିଁ ସେ ପିଜୁଳି, ଆମ୍ବ, ବରଗଛ, ଯେଉଁଠି ଝୁଲି ଝୁଲି ଖେଳିବାକୁ ଆମ ମନ ଚାହୁଁଛି ?

କାହିଁ ସେ ସବୁଜ ଧାନକ୍ଷେତ ଯେଉଁଠି ଧାନକଟା, ଧାନବୁଣା ଦେଖି ଆମେ ଖାଦ୍ୟ ଓ ଜୀବନର ସମ୍ପର୍କ ତିଆରି କରିବୁ ? କେଉଁଠି ସେ ବଗିଚା ଯା'ର ଦୁବ ଉପରେ ହରିଣ ଠେକୁଆ ପରି ଡେଇଁ ଡେଇଁ ଆମେ ଜଙ୍ଗଲର ପଶୁପକ୍ଷୀଙ୍କ କଥା ଓ କାହାଣୀ ଶିଖିବୁ ? ଆମର ସ୍ୱପ୍ନର ଦୁନିଆରୁ ଦୂରେଇ ନେଇ ଆମକୁ ଆଜି ବହି ଭିତରେ ବନ୍ଦୀ କରି ଦିଆଯାଉଛି କାହିଁକି ? କ'ଣ ଏପରି ଏକ ମନ୍ଦିର ଅଛି ଯେଉଁଠି ଶିଶୁ ଭଗବାନ ନୁହେଁ ଶିଶୁଟିଏ ହୋଇ ରହିବ ? ଏହିପରି ଘର କ'ଣ ଅଛି ଯେଉଁଠି ଶିଶୁ ହିଁ ଗୋଟିଏ ସଂସାର ପରି ଲାଗିବ ? ଏମିତି କ'ଣ ଶିକ୍ଷା ଅଛି ଯାହା ଆମ ଶୈଶବ ଆମଠାରୁ ଛଡ଼ାଇ ନେବ ନାହିଁ ?

ଜଣେ ପ୍ରଥମ ଶ୍ରେଣୀର ଶିଶୁ ହେଉ କିମ୍ବା ଦଶମ ଶ୍ରେଣୀର ହେଉ ତା' ଉପରେ ଆଜିକାଲି ପାଠ ଗୋଟିଏ ବୋଝ ହୋଇ ରହିଯାଇଛି । ପରୀକ୍ଷା ସରିବା ପରେ ପରେ ସେ ବହିଠାରୁ ଏମିତି ଦୂରେଇ ଯାଏ ଯେ ଆଉ ଭାବେ ଏ ବହି ତା ଦୃଷ୍ଟି ମଧ୍ୟରେ କେବେ ବି ନ ଆସୁ । ମନୋରଞ୍ଜନ ପାଇଁ ସେ ରେଡ଼ିଓ, ଦୂରଦର୍ଶନ, ପିକ୍‌ନିକ୍ ଏ ସବୁର ଆଶ୍ରୟ ନିଏ । ଆଜି ଛାତ୍ରର ମନସ୍ତତ୍ୱ ଏପରି ଯେ ପରୀକ୍ଷା ନ ଥିଲେ ସେ ପାଠ ପଢ଼ିବାକୁ ଚାହୁଁନାହିଁ । ଶିକ୍ଷକ ଯଦି ଗୃହକାର୍ଯ୍ୟ ଦେଇ ନାହାନ୍ତି ତ ବହି ଖୋଲି ବସିବାକୁ ତା'ର ଇଚ୍ଛା ନାହିଁ । ବିଦ୍ୟାଳୟ ଛୁଟି ହେବା ଦିନ ତା' ମନ ଖୁସି ରହେ । ଅର୍ଥାତ୍ ଆଜିର ଶିକ୍ଷା ପଦ୍ଧତି, ପାଠ ଇତ୍ୟାଦି ଭଲ ଲାଗୁ ନାହିଁ । ତେଣୁ ଶିକ୍ଷା ସବୁବେଳେ ଆନନ୍ଦଦାୟୀ ହେବା ଆବଶ୍ୟକ । ଶିଶୁଟିଏ ସେତିକିବେଳେ ଆନନ୍ଦଲାଭ କରେ ଯେତେବେଳେ ସେ ବିଷୟଟିକୁ ବୁଝିପାରେ, ତାକୁ ପ୍ରୟୋଗ କରିପାରେ । ସେ ନିଜର ବୁଦ୍ଧିଦ୍ୱାରା ଜ୍ଞାନ ଲାଭ କରେ । ତେଣୁ ଯେକୌଣସି ବିଷୟ ବୁଝିବା ପାଇଁ ତୀକ୍ଷ୍ଣ ବୁଦ୍ଧି ହେବା ନିହାତି ଆବଶ୍ୟକ । ଯେଭଳି ଜମିରେ ମଞ୍ଜି ବୁଣିବା ପୂର୍ବରୁ ମାଟିକୁ ଖୋଳିବା ଓ ସାରଦେବା ଆବଶ୍ୟକ ସେଭଳି ବିଷୟଗତ ଜ୍ଞାନ ପାଇବାକୁ ବୁଦ୍ଧିର ଆବଶ୍ୟକ । ବୁଦ୍ଧି ବିକଶିତ ହୁଏ ପରୀକ୍ଷା କରିବା ଦ୍ୱାରା, ନିରୀକ୍ଷଣ ଦ୍ୱାରା, ନିଜେ ସେହି କାର୍ଯ୍ୟରେ ଭାଗ ନେବା ଦ୍ୱାରା ତା ପୂର୍ବରୁ ନୁହେଁ । ଯେମିତି ୧୨/୧୪ ମାସରେ ଜଣେ ଶିଶୁ ଠିଆ ହୋଇ ଚାଲିବା ଆରମ୍ଭ କରେ, କିନ୍ତୁ ଯଦି ତା'ପୂର୍ବରୁ ୪/୫ ମାସରେ ଶିଶୁକୁ ଚାଲିବାକୁ ବାଧ୍ୟ କରାଯାଏ ତେବେ ସେ ତ ଚାଲିପାରିବ ନାହିଁ ବରଂ ପରିଣାମ ଭୟାବହ ହେବ । କାରଣ ସେ ସମୟରେ ଶିଶୁର ଶରୀର ଚାଲିବା ନିମନ୍ତେ କ୍ଷମ ହୋଇ ନ ଥାଏ । ଠିକ୍ ସେହିପରି ଉପଯୁକ୍ତ ବୟସ ହେବା ପୂର୍ବରୁ ଶିଶୁର ପଢ଼ାଲେଖା ଆରମ୍ଭ କରିବା ଆଦୌ ଯୁକ୍ତିସଂଗତ ନୁହେଁ । ଆମେ ଶିଶୁକୁ ଯେଉଁ ଶିକ୍ଷା ଦେବାକୁ ଚାହୁଁଛୁ ତାହା ସେ ନିଜ ଖୁସିରେ, ନିଜ ବୁଦ୍ଧି ଦ୍ୱାରା ଯେତେବେଳେ ତା'ର ଉପଯୁକ୍ତ ବୟସ ହୁଏ ସେତେବେଳେ ସେ ଶିଖେ, ତା ପୂର୍ବରୁ ନୁହେଁ । ଅତଏବ ଶିଶୁଙ୍କ ପାଠ ପଢ଼ିବା ନିମନ୍ତେ ସେହିଭଳି ପରିବେଶ ସୃଷ୍ଟି କରିବା ଆବଶ୍ୟକ ଯାହାଦ୍ୱାରା ସେ ଆନନ୍ଦ ପାଇବ । ସେଥିପାଇଁ କୁହାଯାଇଛି –

ପାଠକୁ ତୁମେ ଏମିତି ଗଢ଼
ପଢ଼ାଟା ଖେଳ ହେଉ
ଖେଳକୁ ତୁମେ ଏମିତି ଗଢ଼
ଖେଳଟା ପାଠ ହେଉ ।

୩) କ) ସଙ୍ଗୀତ ସଭା :-

❋ ଶିଶୁ ସଭା ଭଳି ସଙ୍ଗୀତ ସଭାର ବାର୍ଷିକ ଯୋଜନା କରାଯିବ ।

❋ ଶିଶୁମାନେ ବସି ଉପଭୋଗ କରିବେ ।

❋ ପ୍ରତି ମାସ ୧ ଘଣ୍ଟାର କାର୍ଯ୍ୟକ୍ରମ ରହିବ ।

❋ ଜଳପାନ ସରିଲା ପରେ ଏହାର ଆୟୋଜନ କରାଯିବ ।

❋ ବିଭିନ୍ନ ରାଗ, ରସର ଗୀତ ଶୁଣାଇବା, ବିଭିନ୍ନ ବାଦ୍ୟ ଯନ୍ତ୍ରର ସ୍ୱର ଶୁଣାଇବା ଏବଂ ବିଭିନ୍ନ ଅଞ୍ଚଳର ନାଚ ଦେଖାଇ ଶିଶୁମାନଙ୍କୁ ପ୍ରତ୍ୟକ୍ଷ ଅନୁଭବ କରାଇବା ।

❋ ଶିଶୁମାନଙ୍କୁ ନେଇ ସ୍ୱର ସାଧନା ମଧ୍ୟ କରାଯାଇପାରେ ।

❋ ଉପର ଶ୍ରେଣୀର ଭାଇ ଓ ଭଉଣୀ, ସ୍ଥାନୀୟ ସ୍ତରରେ ବିଭିନ୍ନ ମ୍ୟୁଜିକ୍ ସଂସ୍ଥା ସହ ଯୋଗାଯୋଗ କରି ଏହି କାର୍ଯ୍ୟକ୍ରମକୁ କରିବାର ଯୋଜନା କରିବେ ।

❋ କୌଣସି ପରିସ୍ଥିତିରେ ମଧ୍ୟ କାର୍ଟୁନ ଚିତ୍ର ବା ନାଚ ଦେଖାଯିବ ନାହିଁ ।

❋ ପ୍ରତି ମାସର ୪ର୍ଥ ସପ୍ତାହରେ ଶିଶୁ ସଭା ସମୟରେ ସଙ୍ଗୀତ ସଭାର ଆୟୋଜନ କରାଯିବ ।

ଖ) ଶ୍ରୀକୃଷ୍ଣ ମେଳା :-

ଉଦ୍ଦେଶ୍ୟ - ସଂସ୍କୃତିର ପରିଚୟ ପ୍ରେରଣାକୁ ଜନସମାଜରେ ଆଦୃତ କରିବା ।

ସମୟ – କୃଷ୍ଣ ଜନ୍ମାଷ୍ଟମୀ ଦିନ ସକାଳ ୭ ରୁ ୯ଟା ପର୍ଯ୍ୟନ୍ତ

ପୂର୍ବ ପ୍ରସ୍ତୁତି – ପ୍ରଥମେ ସ୍ଥାନୀୟ ସ୍ତରରେ ୨+ ବୟସର ଶିଶୁ ଥିବା ପରିବାରକୁ କ୍ଷେତ୍ର ଅନୁସାରେ ଗୁରୁଜୀ ଓ ଗୁରୁମାଙ୍କ ଦ୍ୱାରା ସର୍ଭେ କରି ଏକ ତାଲିକା ପ୍ରସ୍ତୁତ କରାଯିବ । ସେହି ତାଲିକାକୁ ଆଧାର କରି ଶିଶୁବାଟିକା ଟିମ୍ ବସି ଯେଉଁ ଶିଶୁମାନଙ୍କର ବୟସ ଏପ୍ରିଲ୍ ମାସ ୧ତାରିଖ ସୁଦ୍ଧା ୩+ ହେଉଥିବ ସେମାନଙ୍କର ତାଲିକା ପ୍ରଧାନ ଆଚାର୍ଯ୍ୟ ଓ ପରିଚାଳନା ସମିତି ସହ କଥା ହୋଇ ସେହି ପରିବାରକୁ କୃଷ୍ଣ ଜନ୍ମାଷ୍ଟମୀ ଦିନ ସକାଳ ୭ଟାରେ କୃଷ୍ଣବେଶ କରି ଶିଶୁ ମନ୍ଦିରରେ ତାଙ୍କର ଶିଶୁକୁ ପହଁଚାଇବା ନିମନ୍ତେ ପୂର୍ବରୁ ନିମନ୍ତ୍ରଣ ପତ୍ରକ ଦେବାର ବ୍ୟବସ୍ଥା କରିବେ ।

ବ୍ୟବସ୍ଥା – ସଂକୀର୍ତ୍ତନ ସହ ବିଦ୍ୟାଳୟର ଫାଟକ ପାଖରେ ସ୍ୱାଗତ ବ୍ୟବସ୍ଥା ରହିବ । ଏହି ଦିବସରେ ବିଦ୍ୟାଳୟର ସାଜସଜ୍ଜା ତଥା ବାତାବରଣ ଆନନ୍ଦଦାୟକ ହେବ । ଶିଶୁ ପିତାମାତାଙ୍କ ସହ ବିଦ୍ୟାଳୟରେ ଉପସ୍ଥିତ ରହିବା ଦରକାର । ଯଜ୍ଞ ସହିତ ପ୍ରାର୍ଥନାର ଆୟୋଜନ କରାଯିବ । ଉତ୍ସବର ମହତ୍ତ୍ୱ ବାବଦରେ ଅତିଥିଙ୍କ ଦ୍ୱାରା ମାର୍ଗଦର୍ଶନ ରହିବ । ଶିଶୁମାନଙ୍କର ପରିଚୟ ସହିତ ନାଚ ଗୀତର ବ୍ୟବସ୍ଥା କରାଯବ । ସମସ୍ତ ପ୍ରତିଭାଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ । ପ୍ରତିଭାଗୀମାନଙ୍କର ମାତା ଓ ପିତାଙ୍କ ସହିତ ଅଲଗା ଅଲଗା ଫଟୋ ଉଠାଇ ରଖାଯିବ । ଅଭିଭାବକଙ୍କ ଦ୍ୱାରା ଏକ ପତ୍ରକ ପୂରଣ କରି ରଖାଯିବ । ଉତ୍ସବ ସମାପନ ପରେ ଶିଶୁ ଓ ଅଭିଭାବକମାନଙ୍କୁ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା ରହିବ । ଶେଷରେ ବିଭିନ୍ନ ଉପକରଣ ମାଧ୍ୟମରେ ଶିଶୁଙ୍କୁ ଖେଳିବା ପାଇଁ ସୁଯୋଗ ଦିଆଯିବ ।

ବି. ଦ୍ର – କରପତ୍ରକ, ସ୍ୱାଗତ ଓ ମଞ୍ଚ ବ୍ୟାନର କରାଯିବ ।

# ମିଳିର ଜନ୍ମଦିନ

ତନୁଜା ସାହୁ

ଝିଲି ଓ ମିଲି ଦୁଇ ସାଙ୍ଗ । ଦିନେ ଦୁଇଜଣଯାକ ସାଙ୍ଗ ହୋଇ ଖେଳୁଥିଲେ । କିଛି ଦିନ ତଳେ ଝିଲିର ଜନ୍ମଦିନ ପାଳନ କରାଯାଇଥିଲା । ବାପା ତା'ପାଇଁ କେକ୍ ଆଉ ମହମବତୀ ଆଣିଥିଲେ । ତା ସାଙ୍ଗମାନେ ଝିଲି ପାଇଁ କେତେ କ'ଣ ଉପହାର ମଧ୍ୟ ନେଇ ଆସିଥିଲେ । ଗତବର୍ଷ ଠାରୁ ଏ ବର୍ଷ ଝିଲିକୁ ଅଧିକ ଉପହାର ମିଳିଥିଲା । ସେଥିପାଇଁ ଝିଲିର ମନ ବହୁତ ଖୁସି । ଆଉ ଦୁଇଦିନ ପରେ ମିଲିର ଜନ୍ମଦିନ ପାଳନ କରାଯିବ । ମିଲି ମନେ ମନେ ବହୁତ ଖୁସି । ବାପା ତା' ପାଇଁ ନୂଆ ଜାମା ଆଣିବେ, କେକ୍, ରଙ୍ଗୀନ ମହମବତୀ ଆସିବ, ତା ସାଙ୍ଗମାନେ ତା'ପାଇଁ ଉପହାର ନେଇ ଆସିବେ । ଏସବୁ ଭାବି ଭାବି ମିଲି ମନେ ମନେ ବହୁତ ଖୁସି ଅନୁଭବ କରୁଥାଏ । ବାପାଙ୍କୁ ସେ ବାରମ୍ବାର କହୁଥାଏ 'ବାପା ! ଚକୋଲେଟ୍ କେକ୍, କଫି କେକ୍ ଆଣିବ, ଗୋଲାପି ନୀଳ ରଙ୍ଗର ମହମବତୀ ଆଣିବ ।' ଏମିତି ଅନେକ ଜିନିଷ ଆଣିବା ପାଇଁ ମନେ ପକାଇ ଦେଉଥାଏ । ଝିଅର ମନକୁ ବୁଝାଇବା ପାଇଁ ବାପା ହଉ ଆଣିବା କହୁଥାନ୍ତି ।

ଆଜି ମିଲିର ଜନ୍ମଦିନ । ମିଲିର ମନ କୁଣ୍ଢେମୋଟ । ସକାଳୁ ଉଠିବା ପରେ ମା' ମିଲିକୁ ଗାଧୋଇ ଦେଲେ । ମିଲି ମା' ସାଙ୍ଗରେ ଠାକୁର ପୂଜା କଲା । ବାପା ମା'ଙ୍କୁ ମୁଣ୍ଡିଆ ମାରିଲା । ମନେ ମନେ ସେ ବହୁତ ଖୁସି କେତେବେଳେ ସେ କେକ୍ କାଟିବ, ସାଙ୍ଗମାନେ ଆସିବେ ବହୁତ ମଜା କରିବେ । ଏହାକୁ ଭାବି ଭାବି ତା' ପାଦ ଆଉ ତଳେ ଲାଗୁ ନ ଥାଏ । କିଛି ସମୟ ପରେ ବାପା, ମା' ମିଲିକୁ ସାଥିରେ ନେଇ ଗାଁରେ ଥିବା ମନ୍ଦିରକୁ ଗଲେ । ଭଗବାନଙ୍କୁ ଦର୍ଶନ କଲେ । ସେହି ସମୟରେ ମିଲି ମଧ୍ୟ ମୁଣ୍ଡିଆ ମାରିଲା ।

ମନ୍ଦିରରୁ ଫେରିବା ସମୟରେ ମିଲିର ବାପା ମା' ମିଲିକୁ ନେଇ ପାଖରେ ଥିବା ଏକ ବସ୍ତିକୁ ଗଲେ । ମିଲି ସେହି ବସ୍ତିରେ ରହୁଥିବା ଲୋକ ଓ ତା ବୟସର ପିଲାମାନଙ୍କୁ ଦେଖିଲା । ସେମାନଙ୍କର ଝାଟିମାଟିର କୁଡ଼ିଆ ଘରକୁ ମଧ୍ୟ ନିରୀକ୍ଷଣ କଲା । ପିଲାମାନଙ୍କ ଚେହେରାକୁ ଦେଖି ମିଲି ବାପାଙ୍କ ହାତକୁ ଭିଡ଼ି ଧରି କହିଲା, 'ଦେଖୁଛ ଦେଖୁଛ ବାପା ସେ ପିଲାମାନଙ୍କର ଆଖି କେମିତି ଭିତରକୁ ପଶି ଯାଇଛି । ପିନ୍ଧିବାକୁ ଦେହରେ ଜାମାପଟା ବି ନାହିଁ । ନାକରୁ ସିଙ୍ଗାଣୀ ବୋହି ଯାଉଛି । ମୁଣ୍ଡର ବାଳଗୁଡ଼ିକ କହରା ଓ ନୁଖୁରା ଦେଖାଯାଉଛି । ଗୋଟିଏ କଂସାରେ ହାତ ପୁରାଇ ଚାରି ପାଂଚ ଜଣ ପିଲା ଏକାଥରକେ ଖାଉଛନ୍ତି ।' ସେମାନଙ୍କର ଅବସ୍ଥା ଦେଖି ମିଲି ମନରେ ଦୟା ଆସିଲା । ଆଖି ଛଳଛଳ ହୋଇଗଲା । ମା'ଙ୍କୁ କହିଲା, 'ମାମା ! ମୋ ପାଖରେ ଥିବା ବେଲୁନ୍, ବଲ୍ ଘରକୁ ନେବି ନାହିଁ । ଆମେ କେତେ ସୁନ୍ଦର ଘରେ ରହୁଛୁ, କେତେ ଭଲ ଭଲ ଖାଦ୍ୟ ଖାଉଛୁ, ଜାମାପଟା ପିନ୍ଧୁଛୁ, ଏମାନେ ବହୁତ କଷ୍ଟରେ ଅଛନ୍ତି । ଆମେ ଆଣିଥିବା ବେଲୁନ୍, ବଲ୍, ମିଠା ଏଇଠି ବାଂଟି ଦେବା । ବାପା ମା'ଙ୍କ ସହିତ ମିଲି ବଲ୍, ବେଲୁନ୍, ମିଠା ପିଲାମାନଙ୍କୁ ଦେଇ ଦେଲା । ପିଲାମାନେ ଏସବୁ ଜିନିଷ ପାଇଲା ପରେ ବହୁତ ଆନନ୍ଦ ଅନୁଭବ କଲେ । ସେମାନଙ୍କର ଖୁସି ଦେଖି ମିଲି ମଧ୍ୟ ବହୁତ ଖୁସି ଅନୁଭବ କଲା ।

ଫେରିବା ସମୟରେ ମିଲି ବାପାଙ୍କୁ କହୁଥାଏ, 'ବାପା ! ମୋ ପାଇଁ ଆଜି କେକ୍, ମହମବତୀ କିଛି ଆଣିବନି । ମୋ ସାଙ୍ଗମାନେ ମଧ୍ୟ ଉପହାର ନେଇକି ଆସିବେନି । ଘରେ ପହଂଚିଲା ପରେ ମିଲିର ସାଙ୍ଗମାନେ ଆସିଲେ । ମା' ମିଲିକୁ ଫୁଲ, ଚାଉଳ ଦେଇ ଦୀପ ଜଳାଇ ବନ୍ଦାପନା କଲେ । ଶଙ୍ଖ, ହୁଳହୁଳି ବାଜିଲା । ସମସ୍ତେ ଜନ୍ମଦିନ ଗୀତ ଗାଇ ଖୁସିରେ ନାଚିଲେ । ମିଲି ବଗିଚାରେ ଏକ ଗଛ ଲଗାଇଲା, ଗାଈକୁ ଖାଇବାକୁ ଦେଲା, ଭିକାରୀକୁ ଭିକ ଦେଲା । ସାଙ୍ଗମାନଙ୍କ ସହିତ ମିଳିମିଶି ମା' ତିଆରି କରିଥିବା କ୍ଷିରୀ, ପୁରୀ, ପିଠା ଓ ମିଠା ଖାଇଲା । ସାଙ୍ଗମାନେ ସମସ୍ତେ କଥାବାର୍ତ୍ତା ହେଲେ ଆଜି ମିଲିର ଜନ୍ମଦିନ ଯେମିତି ପାଳନ ହେଲା ଆମେ ମଧ୍ୟ ଠିକ୍ ସେମିତି ଆମ ଘରେ ଜନ୍ମ ଦିନ ପାଳନ କରିବୁ ।

ଆଚାର୍ଯ୍ୟା
ସ.ଶି.ବି.ମ., ସାଲେଭଟ୍ଟା, ବଲାଙ୍ଗୀର

## ପଡ଼ୋଶୀ ହେବ ତ ଏମିତି

ଶ୍ରୀ ସୁଶୀଳକୁମାର ସାହୁ

ଜଙ୍ଗଲ ମଧ୍ୟ ଦେଇ ନଦୀଟିଏ ବହି ଯାଇଥାଏ । ସେହି ନଦୀ କୂଳରେ ଦୁଇଟି ବଡ଼ ବଡ଼ ଗଛ ଥାଏ । ଗୋଟିଏ ବରକୋଳି ଗଛ ଆଉ ଗୋଟିଏ ଜାମୁକୋଳି ଗଛ । ବରକୋଳି ଗଛରେ କାଉ ଆଉ ତା'ର ତିନୋଟି ଛୁଆ ରହୁଥାନ୍ତି । ଜାମୁକୋଳି ଗଛରେ ବଣି ଆଉ ତା'ର ତିନୋଟି ଛୁଆ ମଧ୍ୟ ରହୁଥାନ୍ତି । ଦୁଇ ପରିବାର ମଧ୍ୟରେ ନିବିଡ଼ ସମ୍ପର୍କ ଥାଏ । କାଉ ଛୁଆମାନେ ସମୟ ସୁବିଧା ଦେଖି ବଣି ଘର ଆଡ଼େ, ଆଉ ବଣି ଛୁଆମାନେ ଟିକିଏ ବେଳ ପାଇଲେ କାଉ ଘରଆଡ଼େ ବୁଲି ଯାଆନ୍ତି । ଦୁଇ ପରିବାର ମଧ୍ୟରେ ଜାମୁକୋଳି ଆଉ ବରକୋଳି ମଧ୍ୟ ଦିଆନିଆ ଚାଲେ । କାଉ ଛୁଆ ଆଉ ବଣି ଛୁଆଙ୍କ ମଧ୍ୟରେ ଲୁଚକାଳି, ଉଡ଼ିବା ପ୍ରତିଯୋଗିତା, ଗୀତ ଗାଇବା ପ୍ରତିଯୋଗିତା ଏମିତି କେତେ ଖେଳ ମଧ୍ୟ ହୁଏ । ଦୁଇ ପରିବାରର ଖୁସି କହିଲେ ନ ସରେ । ବଡ଼ି ଭୋରରୁ ଯେତେବେଳେ କାଉ ଆଉ ବଣି ଖାଦ୍ୟ ଆଣିବାକୁ ଉଡ଼ି ଯାଆନ୍ତି ସେତେବେଳେ କାଉଛୁଆ ଆଉ ବଣି ଛୁଆମାନେ ଖେଳକୁଦରେ ମାତି ଯାଆନ୍ତି ।

ଦିନକର କଥା ରାତି ଅନେକ ହେଲାଣି ହଠାତ୍ ଜାମୁକୋଳି ଗଛରୁ ବଣି ଛୁଆମାନଙ୍କର କାନ୍ଦ ଶୁଭିଲା । କାନ୍ଦ ଶୁଣି କାଉ ଜାମୁକୋଳି ଗଛକୁ ଉଡ଼ିଯାଇ ଦେଖେ ତ ବଣିକୁ ଭୀଷଣ ଜର ହୋଇଛି ଆଉ ମଝିରେ ମଝିରେ ବାନ୍ତି ମଧ୍ୟ ହେଉଛି । କାଉ ଆଉ ବିଳମ୍ବ ନ କରି ସେହି ରାତିରେ ଜଙ୍ଗଲର ବଇଦ ହଳଦୀବସନ୍ତ ପାଖକୁ ଗଲା । ହଳଦୀବସନ୍ତ ଗୋଟିଏ ମହୁଲ ଗଛରେ ବସାବାନ୍ଧି ଶୋଇଥାଏ । କାଉର କା' କା' ଡାକରେ ତା'ର ନିଦ ଭାଙ୍ଗିଗଲା । ଏତେ ରାତିରେ ଆସିବାର କାରଣ ପଚାରିଲା । କାଉ ଠାରୁ ବଣିର ଦେହ ଖରାପ କଥା ଶୁଣି ହଳଦୀବସନ୍ତ କିଛି ଚେରମୂଳି ଔଷଧ ନେଇ କାଉ ସହିତ ବଣି ପାଖକୁ ଗଲା । ଠିକ୍ ସମୟରେ ନ ଖାଇବା ଏଣୁ ତେଣୁ ଖାଦ୍ୟ ଖାଇବା କାରଣରୁ ବଣିର ଦେହ ଖରାପ ହୋଇଛି ବୋଲି ହଳଦୀବସନ୍ତ କହିଲା । ଏହାପରେ ବଣିକୁ କିଛି ଚେରମୂଳି ଔଷଧ ଖାଇବାକୁ ଦେଇ ଠିକ୍ ସମୟରେ ଖାଦ୍ୟ ଖାଇବା ସହିତ ଏଣୁତେଣୁ ଖାଦ୍ୟ ନ ଖାଇବା ପାଇଁ ପରାମର୍ଶ ଦେଲା । ବଣି ଚେରମୂଳି ଔଷଧ ଖାଇବା ପରେ ଟିକିଏ ସୁସ୍ଥ ଅନୁଭବ କଲା । ବଣି ଛୁଆଙ୍କ ମୁହଁରେ ହସ ଫୁଟି ଉଠିଲା । ତା'ପରେ କାଉ ସେହି ଅନ୍ଧାର ରାତିରେ ହଳଦୀବସନ୍ତକୁ ନେଇ ତା ବସାରେ ଛାଡ଼ି ଆସିଲା । କାଉର ଏଭଳି କାର୍ଯ୍ୟରେ ଖୁସି ହୋଇ ହଳଦୀ ବସନ୍ତର ପାଟିରୁ ବାହାରି ଆସିଲା 'ପଡ଼ୋଶୀ ହେବ ତ ଏମିତି ।'

ଆଚାର୍ଯ୍ୟ
ସ.ଶି.ବି.ମ., ଦୀପଶିଖା

## ଶିଶୁ ଶିକ୍ଷା

**************

ଶିଶୁର ଶୈଶବ ରଖେ ସୁରକ୍ଷିତ
ଭାରତୀୟ ଶିଶୁ ଶିକ୍ଷା
ବୀଜ ଅଙ୍କୁରିତ ପରେ ପଲ୍ଲବିତ
ଫଳ ପାଇଁ ହିଁ ତିତିକ୍ଷା ।
ପାଞ୍ଚ ବର୍ଷ ଯାଏଁ ମାନବ ଶିଶୁକୁ
ମିଳେ ସୁହାଗ ସୁରକ୍ଷା
ସୁପ୍ତ ଚେତନା ଜାଗି ଉଠେ ସିନା
ଧୈର୍ଯ୍ୟରେ କଲେ ଅପେକ୍ଷା ।
ଶିଶୁ ଶିକ୍ଷା ପରା କ ଖ ଗ
କଥା ଖେଳ ଆଉ ଗୀତ
ମାଆର ଭାଷା ଓ ମାଆର ମମତା
ଶିଶୁ ମନର ସଙ୍ଗୀତ ।
ବହି ବସ୍ତାନିର ବୋଝ ଯାଏ ହଟି
ଖେଳେ ଖେଳେ ମିଳେ ଶିକ୍ଷା
ଭଲ ଫଳ ଯଦି ପାଇବାର ଆଶା
ବୀଜେ ନ କର ଉପେକ୍ଷା ।
ଭବନ ସୁଦୃଢ଼ ହେବ ସେତେବେଳେ
ନିଅଁକୁ ଶକତ କଲେ
ଗୁରୁର ଆସନେ ଲଭିବ ସେ ଦେଶ
ଶିଶୁଶିକ୍ଷାକୁ ପ୍ରାଧାନ୍ୟ ଦେଲେ ।
ଶିକ୍ଷା ପରା ହେବ ସେବେ ଫଳ ଦାୟୀ
ଦେଲେ ସଂସ୍କାର ମାଧ୍ୟମେ ଶିକ୍ଷା
ପ୍ରକୃତି କୋଳରେ କରିବା ବିକାଶ
ଏହା ସଚ୍ଚା ଶିଶୁ ଶିକ୍ଷା ।

ଆଚାର୍ଯ୍ୟା
ସ.ଶି.ବି.ମ., ମୋହନା

# ଛବି ତୁମ ତୂଳୀରୁ ....



କାଜଲ କ୍ରିଷ୍ଣା ଘଡ଼େଇ

ସ.ଶି.ବି.ମ., ତିଲଙ୍ଗ

ଶ୍ରେଣୀ - ଶିଶୁ ବୋଧ



ଆଉସା ସାହୁ

ସ.ଶି.ବି.ମ., ନିମଖଣ୍ଡି, ଗଞ୍ଜାମ

ଶ୍ରେଣୀ - ଶିଶୁ ବୋଧ



ଶ୍ରୀମାନ ସାଇସ୍ୱରୂପ ମହାପାତ୍ର

ସ.ଶି.ବି.ମ., ଚନ୍ଦନପୁର

ଶ୍ରେଣୀ - ଶିଶୁ ବୋଧ





ଶୁଭଲକ୍ଷ୍ମୀ ନାୟକ

ସ.ଶି.ବି.ମ., ଦୀପଶିକ୍ଷା

ଶ୍ରେଣୀ - ଶିଶୁ ବୋଧ

# ରଙ୍ଗ ଦିଅ ମଜା ନିଅ





Vol. 22 No. 3 April - May - 2018 R.N.I. Regd. No.ORIORI/2001/5948

# ସମ୍ବାଦ ଚିତ୍ରରେ ଚିତ୍ରରେ ....



ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରାସୋଳ



ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଦମପଡ଼ା ବଲାଙ୍ଗୀର

*Printed and Published by : Secretary on behalf of Shiksha Vikash Samiti, Odisha & printed at Sarswati DTP Centre, E-59, Zone-A, Mancheswar Industrial Estate, BBSR-10 Editor - Pradeep Kumar Mallick*